ସମୟ SAMAYA
ସମୟ ୧୨-୮-୨୦୧୫, ବୁଧବାର, ଭୁବନେଶ୍ୱର

# ଆଇଆଇଟି ଭୁବନେଶ୍ୱର ସ୍ଥାପନ କରିବ ସାମୁଦ୍ରିକ ପର୍ଯ୍ୟବେକ୍ଷଣାଗାର

ଭୁବନେଶ୍ୱର(ସବ୍ୟୁ):ମଙ୍ଗଳବାର ଦିନ ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱର ହେବ ଭୂ ବିଜ୍ଞାନ ମନ୍ତ୍ରଣାଳୟ ମଧ୍ୟରେ ନୂଆଦିଲ୍ଲୀଠାରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ବଙ୍ଗୋପମହାସାଗରର ତଟରେ ଏହାକୁ ସ୍ଥାପନ କରାଯିବ ଏବଂ ଏହାକୁ ଏକ ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷଣାଗାର ଭାବେ କାର୍ଯ୍ୟକାରୀ କରାଯିବ । ଇଣ୍ଡିଆନ୍ ନ୍ୟାସନାଲ ସେଣ୍ଟର ଫର ଓସେନ୍ ଇନ୍ଫରମେସନ୍ ସର୍ଭିସେସ୍ ହାଇଦ୍ରାବାଦ ଓ ନ୍ୟାସନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜି ଚେନ୍ନାଇ, ଏହି ପ୍ରକଳ୍ପରେ ଯୋଗଦେଇଛନ୍ତି । ଖୁବଶୀଘ୍ର ଏହାକୁ ନେଇ କାମ ଆରମ୍ଭ ହେବ ବୋଲି ଆଇଆଇଟି ଭୁବନେଶ୍ୱରର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।